# ବାଣିଜ୍ୟକର ଏବଂ ଜିଏସଟି କମିଶନରେଟ, ଓଡିଶା, କଟକ

## ପ୍ରେସ ଇସ୍ତାହାର

## ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗ ଦ୍ୱାରା ୧୭୧୭.୯୧ କୋଟି ଟଙ୍କାର ଜାଲ ବିଲ ରାକେଟର ପର୍ଦ୍ଦାଫାସ, ୫ ମାଷ୍ଟରମାଇଣ୍ଡ ଗିରଫ

**କଟକ :** ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗକୁ ଏକ ବଡ ସଫଳତା ମିଳିଛି । ପୂର୍ବରୁ କରାଯାଇଥିବା ଚଢଉରୁ ମିଳିଥିବା ସୂଚନା ତଥା ତଥ୍ୟ ବିଶ୍ଳେଷଣ କରି ୨୪ ଟି ଠକ ସଂସ୍ଥା ମାଧମରେ ଜାଲ ବିଲ ଓ ଜାଲ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ରାକେଟର ପର୍ଦ୍ଦା ଫାଶ କରାଯାଇପାରିଛି ।

ଆଜି (୦୬.୦୭.୨୦୨୨) ୪୮ ଜଣ ଟିକସ ଅଧିକାରୀଙ୍କୁ ନେଇ ଗଠିତ ୧୨ ଟି ଟିମ ଏଥିରେ ସଂଶ୍ଳିଷ୍ଟ ଥିବା ୫ ଜଣ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିଛନ୍ତି । ଏଥି ପାଇଁ ବିଭାଗ ୩୫ ଜଣ ପୋଲିସ କର୍ମଚାରୀଙ୍କ ସହାୟତା ନେଇଥିଲେ। ଗିରଫ ହୋଇଥିବା ଏହି ୫ ଜଣ ମାଷ୍ଟରମାଇଣ୍ଡମାନେ ହେଲେ ଶ୍ରୀ ଧନୱାନ ସ', ଶ୍ରୀ ରାମ ଭରୋଷେ ସ', ଶ୍ରୀ ମନୋଜ କୁମାର ପାଣ୍ଡେ । ଏମାନେ ସମସ୍ତେ ରାଉରକେଲା ସ୍ଥିତ ୩ ଟି କମ୍ପାନୀର ବର୍ତ୍ତମାନ ଏବଂ ପୂର୍ବତନ ଡାଇରେକ୍ଟର ଅଟନ୍ତି । ଏହି କମ୍ପାନୀ ଗୁଡିକ ହେଲା ମେସର୍ସ ସ୍ୱସ୍ତିକ ଇନଗଟ (ପ୍ରା) ଲିମିଟେଡ, ମେସର୍ସ ସୁନୟନା ମେଟାଲ ଇଣ୍ଡସଷ୍ଟ୍ରିସ ଲିମିଟେଡ ଏବଂ ମେସର୍ସ ସାଇରାମ ଇନଗଟ (ପ୍ରା) ଲିମିଟେଡ । ଉପରୋକ୍ତ ୩ ଜଣ ମାଷ୍ଟରମାଇଣ୍ଡ ବ୍ୟତୀତ ଅନ୍ୟ ଯେଉଁ ୨ ଜଣଙ୍କୁ ଗିରଫ କରାଯାଇଛି, ସେମାନେ ହେଲେ ସୁନ୍ଦରଗଡ ଜିଲ୍ଲାର ବଡଗାଁ ଥାନା ଅନ୍ତର୍ଗତ ପାମରା ଗ୍ରାମ ସ୍ଥିତ ମେସର୍ସ ସୁବାସ ଟ୍ରେଡ଼ର୍ସର ପ୍ରୋପ୍ରାଇଟର ଶ୍ରୀ ସୁବାସ କାଣ୍ଡୁଲାନା ଓ ତାଙ୍କର ସହଯୋଗୀ ରାଉରକେଲା ସ୍ଥିତ ବାସନ୍ତୀ କଲୋନୀର ବାସିନ୍ଦା ଶ୍ରୀ ନିକୁ ସିଂହ ଓରଫ ଛତର ସିଂହ । ଏହି ସମସ୍ତ ଅପରାଧୀମାନଙ୍କୁ ୧୭୧୭.୯୧ କୋଟି ଟଙ୍କା ଜାଲ ବିଲ ବଳରେ ୩୧୧.୦୩ କୋଟି ଟଙ୍କାର ଜାଲ ଆଇଟିସି ଆତ୍ମସାତ ଏବଂ ହସ୍ତାନ୍ତର କରିଥିବା ଅଭିଯୋଗରେ ଗିରଫ କରାଯାଇଛି । ଏହା ଜିଏସଟି ଆଇନର ଧାରା ୧୩୨ (୧)(ଖ)(ଗ) ଓ ୧୩୨(୫) ଅନୁସାରେ ଧାର୍ଯ୍ୟବ୍ୟ ଓ ଜାମିନବିହୀନ ଅପରାଧ।

ଉପରୋକ୍ତ ମାଷ୍ଟରମାଇଣ୍ଡମାନେ ନିଜ କମ୍ପାନୀ ବ୍ୟତୀତ ୨୩ ଟି ଅନ୍ୟ ଜାଲ ସଂସ୍ଥା ସୃଷ୍ଟି କରି ଜାଲ କାରବାର କରିବା ସହ ଜାଲ ଆଇଟିସି ଅନ୍ୟମାନଙ୍କୁ ହସ୍ତାନ୍ତର କରି ଟିକସ ଫାଙ୍କୁ ଥିଲେ । ଏହି କାରବାରରେ ପ୍ରକୃତ ପକ୍ଷେ ଜିନିଷପତ୍ରର କୌଣସି କିଣା ବିକା ହୋଇ ନ ଥିଲା । ସବୁ କିଛି କାଗଜ ପତ୍ରରେ ଦର୍ଶାଯାଇ ରାଜ୍ୟ ରାଜସ୍ୱ ଠକି ଚାଲିଥିଲେ ।

ତଦନ୍ତ ସମୟରେ ନିମ୍ନ ପ୍ରକାର ଠକାମି ସାମ୍ନାକୁ ଆସିଛି –

- ୨୦୧୯-୨୦ ରେ ୪୯ ଗୋଟି ସନ୍ଦିଗ୍ଧ ଭୁତ ବ୍ୟବସାୟିକ ସଂସ୍ଥା ଉପରେ ଏକକାଳୀନ ଚଢାଉ କରି ଅନୁସନ୍ଧାନ ରୁ ଜଣାପଡିଥିଲା ଯେ ୪୯ ଟି ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟରୁ ୪୭ ଗୋଟି ଜାଲ ସଂସ୍ଥା ଥିଲା । କେନ୍ଦ୍ରୀୟ ଜିଏସଟି କର୍ତ୍ତୃପକ୍ଷ ଦ୍ୱାରା ତଦନ୍ତ କରାଯାଇ ଥିବା ୨୩ ଟି ସଂସ୍ଥାକୁ ବାଦ ଦେଇ ଅବଶିଷ୍ଟ ୨୬ ଟି ସଂସ୍ଥା ସମ୍ପର୍କରେ ରାଜ୍ୟ ଏନଫୋର୍ସମେଣ୍ଟ ୱିଙ୍ଗ ଅନୁସନ୍ଧାନ ଚଳାଇଥିଲା ।
- ଅନୁସନ୍ଧାନରୁ ଜଣାପଡିଛି ଯେ ଆଜି ଗିରଫ ହୋଇଥିବା ଅଭିଯୁକ୍ତମାନେ ଉପରୁକ୍ତ ୨୪ ଟି ଭୁତ ସଂସ୍ଥା ସୃଷ୍ଟିର ମାଷ୍ଟରମାଇଣ୍ଡ ଅଟନ୍ତି।
- ଏହି ଭୁତ ସଂସ୍ଥା ଗୁଡିକୁ ସୃଷ୍ଟି ଏବଂ କାର୍ଯ୍ୟକାରିତା ପାଇଁ ସେମାନେ ନିରୀହ ଲୋକ ଯଥା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଏଲଆଇସି ଏଜେଣ୍ଟ, କ୍ରେନ୍ ଚାଳକ , ଦିନ ମଜୁରୀଆ, କୃଷକ, ରାସ୍ତାକଡ ବିକ୍ରେତା, ଗାଡି ପଞ୍ଜୀକରଣର ଏଜେଣ୍ଟ, ଗୃହିଣୀ ଆଦୀଙ୍କୁ ମାସିକ ୫୦୦୦ ଟଙ୍କା ରୁ - ରୁ ୪୦୦୦୦ ଟଙ୍କା ପର୍ଯ୍ୟନ୍ତ ନିୟମିତ ମାସିକ ଆୟ ଯୋଗାଇ ଦେବା ଆ ଳରେ ସେମାନଙ୍କ ଠାରୁ ବିଭିନ୍ନ ପରିଚୟ ପତ୍ର ଯଥା ପାନ୍, ଆଧାର, ବ୍ୟାଙ୍କ ପାସବୁକ୍ ଇତ୍ୟାଦି ହାସଲ କରିଥିଲେ ଏବଂ ଏଗୁଡ଼ିକୁ ଜିଏସଟି ପଞ୍ଜୀକରଣ ପାଇଁ ଅପବ୍ୟବହାର କରିଥିଲେ ।

- ଏହି ମାଷ୍ଟରମାଇଣ୍ଡମାନେ ଆସିଆସିଆଇ ବ୍ୟାଙ୍କ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆନ୍ଧ୍ର ବ୍ୟାଙ୍କ, ଅର୍ବାନ କୋ ଅପରେଟିଭ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ, ବନ୍ଧନ୍ ବ୍ୟାଙ୍କ ଏବଂ ଆକ୍ସିସ୍ ବ୍ୟାଙ୍କ ପରି ବିଭିନ୍ନ ବ୍ୟାଙ୍କରେ ସେହି ନିରୀହ ବ୍ୟକ୍ତିଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ । ଦସ୍ତଖତ ହୋଇଥିବା ଚେକ୍ ବୁକ୍, ଆରଟିଜିଏସ ଫର୍ମ, ଏଟିଏମ୍ ଏବଂ ପାସୱାର୍ଡ ଆକାଉଣ୍ଟଧାରୀଙ୍କ ଠାରୁ ହାତେଇ ଏହି ବ୍ୟାଙ୍କ ଖାତା ଗୁଡିକୁ ସଂଚାଳନ କରୁଥିଲେ |
- ଏହି ଜାଲ ସଂସ୍ଥା ନାମରେ ନିର୍ଗମନ ହୋଇଥିବା ଇ-ୱେବିଲ ଯାଞ୍ଚରୁ ଏ ସମ୍ପର୍କରେ ଜଣାପଡିଲା ଯେ କୌଣସି ଦ୍ରବ୍ୟର ପରିବହନ ନ ହୋଇ ଏମାନେ ଦୁଇ ଚକିଆ ଯାନ, କାର୍, ତିନି ଚକିଆ ଯାନ, ସ୍କୁଟର ମାଧ୍ୟମରେ ଟନ୍ ଟନ୍ ଓଜନ ବିଶିଷ୍ଟ ଦ୍ରବ୍ୟଗୁଡିକ ପରିବହନ କରାଯାଇଥିବା ଦର୍ଶାଇଥିଲେ ।
- ତଦନ୍ତରୁ ଆହୁରି ଜଣା ଯାଇଛି ଯେ ମେସର୍ସ ସ୍ୱସ୍ତିକ ଇନଗଟ (ପ୍ରା) ଲିମିଟେଡ ଓ ମେସର୍ସ ସୁନୟନା ମେଟାଲ ଇଣ୍ଡଷ୍ଟ୍ରିଜ ଲିମିଟେଡ ଦ୍ୱାରା ହିସାବ ବହିର୍ଭୂତ ଉତ୍ପାଦନ କରାଯାଇଥିଲା ଏବଂ ବିନା ଟିକସ ପଇଠ କରି ଦ୍ରବ୍ୟ କ୍ରୟ କରାଯାଇଥିଲା | ଏହି କରବାରକୁ ନିଜର କମ୍ପାନୀ ନାମରେ ନ ଦର୍ଶାଇ ଏହି ଦୁଇ କମ୍ପାନୀ ଜାଲ ସଂସ୍ଥା ନାମରେ ଏହାର ଖରିଦ ଏବଂ ବିକ୍ରି ଦର୍ଶାଇ ଟିକସ ଫାଙ୍କି ଥିଲେ ।
- ଏହି ଅପରାଧ କୁ ପ୍ରମାଣ କରିବା ପାଇଁ ଅନୁସନ୍ଧାନ ସମୟରେ ୧୭୩ ଜଣଙ୍କ ବୟାନ ନିଆଯାଇଛି ଏବଂ ବିଭିନ୍ନ ନାମରେ ଖୋଲାଯାଇଥିବା ଏବଂ ପରିଚାଳିତ ୪୯ ଟି ବ୍ୟାଙ୍କ ଆକାଉଣ୍ଟ କାରବାରର ବିସ୍ତୃତ ଭାବରେ ଯାଞ୍ଚ କରାଯାଇଛି ।
- ବ୍ୟାଙ୍କ କାରବାର ଯାଞ୍ଚରୁ ଜଣାପଡିଛି ଯେ ମେସର୍ସ ସ୍ୱସ୍ତିକ ଇନଗଟ (ପ୍ରା) ଲିମିଟେଡ କେତୋଟି ଜାଲ ସଂସ୍ଥାକୁ କ୍ରୟ ମୂଲ୍ୟ ତୁଳନାରେ ୧୧.୮୮ କୋଟି ଟଙ୍କା ଅଧିକ ଦେୟ ଦର୍ଶାଇଛି (ଦେୟ ମୂଲ୍ୟ ୬୮.୬୧ କୋଟି ମୂଲ୍ୟର ଦ୍ରବ୍ୟ କ୍ରୟ ମୂଲ୍ୟ ତୁଳନାରେ ୬୮.୬୧ କୋଟି)। NIL କ୍ରୟ କରୁଥିବା ସଂସ୍ଥାଗୁଡ଼ିକରୁ କୋଟି କୋଟି କାରବାର ଦେଖାଯାଇଛି |
- ଯେତେବେଳେ ଏହି ଠକେଇଗୁଡ଼ିକ ସାମ୍ନାକୁ ଆସିଲା, ଆଇନର କବଳରୁ ରକ୍ଷା ପାଇବା ପାଇଁ ମାଷ୍ଟରମାଇଣ୍ଡମାନେ ସମାନ୍ତରାଳ ପ୍ରକ୍ରିୟା ଚାଲିଥିବା ଆଳରେ ରାଜ୍ୟ ଏନଫୋର୍ସମେଣ୍ଟ ଅଥରିଟିକୁ ଅନୁସନ୍ଧାନରୁ ରୋକିବା ପାଇଁ ମାନ୍ୟବର ଓଡ଼ିଶା ହାଇକୋର୍ଟରେ ଲିଖିତ ଆବେଦନ କରିଥିଲେ। କିନ୍ତୁ ରାଜ୍ୟ ଏନଫୋର୍ସମେଣ୍ଟ ଅଥରିଟି ଦ୍ୱାରା ଆରମ୍ଭ ହୋଇଥିବା ଅନୁସନ୍ଧାନର ବିଷୟବସ୍ତୁ ଭିନ୍ନ ହୋଇଥିବାରୁ ୧୩.୦୨.୨୦୨୦ ରେ ମାନ୍ୟବର ହାଇକୋର୍ଟ ସେମାନଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରି ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।
- କିନ୍ତୁ ଅନୁସନ୍ଧାନରେ ସହଯୋଗ କରିବା ପରିବର୍ତ୍ତେ ଅଭିଯୁକ୍ତମାନେ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ପାଇଁ ମାନ୍ୟବର ଓଡିଶା ହାଇକୋର୍ଟରେ ଆବେଦନ କରିଥିଲେ ଏବଂ ସେମାନେ ୮.୫.୨୦୨୦ ରୁ ୨୧.୪.୨୦୨୨ ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ଅଧୀନରେ ଥିଲେ। ୨୨.୪.୨୦୨୨ ରେ ମାନ୍ୟବର ଓଡିଶା ହାଇକୋର୍ଟ ସେମାନଙ୍କୁ ଦିଆଯାଇଥିବା ମଧ୍ୟବର୍ତ୍ତୀକାଳୀନ ସୁରକ୍ଷାକୁ ରଦ୍ଦ କରିବା ପରେ ବର୍ତ୍ତମାନର ଗିରଫଦାରୀକୁ ବାସ୍ତବ ରୂପ ଦିଆଯାଇଛି।
- ଉପରୋକ୍ତ ଫାର୍ମ ବ୍ୟତୀତ, ମାଷ୍ଟରମାଇଣ୍ଡ ଶ୍ରୀ ଧନୱାନ୍ ସ' "ସାଇ ଭ୍ୟାଲି ୱାର୍ଲ୍ଡ ସ୍କୁଲ୍" ନାମରେ ଏକ ବିଦ୍ୟାଳୟ ଏବଂ ଏକ କ୍ରସର ୟୁନିଟ୍ ଚଳାଉଛି ।
- ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇ ଜେଲ ରିମାଣ୍ଡରେ ନିଆଯାଇଛି ।

ଏଠାରେ ଉଲ୍ଲେଖ କରିବା ପ୍ରଯୁଜ୍ୟ ଯେ ଆଜି ପର୍ଯ୍ୟନ୍ତ ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗ ୯୧୯୬.୨୬ କୋଟି ଟଙ୍କା ମୂଲ୍ୟର ନକଲି ବିଲ ରକେଟରେ ଜଡିତ ହୋଇଥିବା ତଥା ୧୭୩୯.୮୪ କୋଟି ଟଙ୍କାର ଜାଲ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ଠକେଇ କରିଥିବା ୨୮ ଜଣଙ୍କୁ ଗିରଫ କରିସାରିଛନ୍ତି ।